**SET – D**

*Total No. of printed pages : 16* **Roll No.** [ ]

**716 R / 716 E / 716 DE**

**Regular/Ex-Regular/Dis. Edu. (Reg. & Ex-Reg.)**

**POL (Arts)**

**(As per 2014 - 2017 Syllabi)**

# 2017 (A)

## ARTS

## POLITICAL SCIENCE

*Full Marks – 100*

*Time : 3 Hours*

*Answer **all** constituent parts of Question Nos. 1, 2, 3 and 4 serially and continuously.*

ପ୍ରଶ୍ନ ନଂ. ୧, ୨, ୩ ଓ ୪ ମଧ୍ୟରେ ସନ୍ନିବେଶିତ **ସମସ୍ତ** ଆଂଶିକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟରେ ଓ ନିରବଚ୍ଛିନ୍ନ ଭାବରେ ଦିଅ ।

*Read the instructions given in each Group.*

ପ୍ରତ୍ୟେକ ବିଭାଗରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ପାଠ କର ।

*The figures in the right-hand margin indicate marks.*

ଦକ୍ଷିଣ ପାର୍ଶ୍ୱରେ ସୂଚିତ ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚାଏ ।

## Group – A

## କ – ବିଭାଗ

Answer **all** questions.

ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

1. Answer **all** questions by selecting the correct answer from the alternatives given against each : 1×15=15

   ପ୍ରତ୍ୟେକ ପ୍ରଶ୍ନ ସହିତ ପ୍ରଦତ୍ତ ବିକଳ୍ପଗୁଡ଼ିକ ମଧ୍ୟରୁ ସଠିକ୍ ଉତ୍ତର ଚୟନ କରି **ସମସ୍ତ** ପ୍ରଶ୍ନର ଉତ୍ତର ଦିଅ :

   (a) Which one of the following is a National Party in India ?

   ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତରେ ଏକ ଜାତୀୟ ଦଳ ଅଟେ ?

   (i) Biju Janata Dal

   ବିଜୁ ଜନତା ଦଳ

   (ii) Bahujan Samaj Party

   ବହୁଜନ ସମାଜ ପାର୍ଟି

   (iii) Shivasena

   ଶିବସେନା

   (iv) Akali Dal

   ଅକାଳୀ ଦଳ

   (b) At which one of the following levels in our Panchayati Raj System the Panchayat Samiti is constituted ?

   ନିମ୍ନୋକ୍ତ ମଧ୍ୟରୁ କେଉଁ ସ୍ତରରେ ଆମ ପଞ୍ଚାୟତି ରାଜ ବ୍ୟବସ୍ଥାରେ ପଞ୍ଚାୟତ ସମିତି ଗଠନ କରାଯାଏ ?

(i) Village

ଗ୍ରାମ

(ii) Block

ମଣ୍ଡଳ

(iii) Sub-division

ଉପଖଣ୍ଡ

(iv) District

ଜିଲ୍ଲା

(c) Which one of the following is not essential goal of a Political Party ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗୋଟିଏ ରାଜନୈତିକ ଦଳର ମୁଖ୍ୟ ଲକ୍ଷ୍ୟ ନୁହେଁ ?

(i) To form and run government in public interest

ଜନସ୍ୱାର୍ଥ ହିତରେ କାର୍ଯ୍ୟ କରିବା ପାଇଁ ସରକାର ଗଠନ କରିବା ଓ ସରାକର ଚଳାଇବା

(ii) To contest elections

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା

(iii) To expose weaknesses of the rival political party

ପ୍ରତିପକ୍ଷ ରାଜନୈତିକ ଦଳର ଦୋଷ–ଦୁର୍ବଳତାକୁ ପ୍ରକାଶ କରିବା

(iv) To defend the country

ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବା

(d) Which one of the following is not the function of an opposition party ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ବିରୋଧୀ ଦଳର କାର୍ଯ୍ୟ ନୁହେଁ?

(i) To make delay in legislative process

ଆଇନ ପ୍ରଣୟନ କାର୍ଯ୍ୟକୁ ବିଳମ୍ବିତ କରିବା

(ii) To offer healthy and acceptable criticism

ସୁସ୍ଥ ତଥା ଗ୍ରହଣଯୋଗ୍ୟ ସମାଲୋଚନା ପେଶ୍ କରିବା

(iii) To topple the government of the rival party

ପ୍ରତିପକ୍ଷ ଦଳର ସରକାରକୁ ଗାଦିଚ୍ୟୁତ କରିବା

(iv) To ensure smooth conduct of election

ଅବାଧ ନିର୍ବାଚନ ପରିଚାଳନା ନିଶ୍ଚିତ କରିବା

(e) Which one of the following is not a condition for successful working of Democracy ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗଣତନ୍ତ୍ରର ସଫଳତା ପାଇଁ ଏକ ସର୍ତ୍ତ ନୁହେଁ ?

(i) Literacy

ସାକ୍ଷରତା

(ii) Corruption

ଦୁର୍ନୀତି

(iii) Political awareness

ରାଜନୈତିକ ଚେତନା

(iv) Honesty of the citizens

ନାଗରିକମାନଙ୍କର ସାଧୁତା

(f) Which one of the following helps to establish Social Justice in India ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ସହାୟକ ହୋଇଥାଏ ?

(i) Fundamental Rights
ମୌଳିକ ଅଧିକାର

(ii) Fundamental Duties
ମୌଳିକ କର୍ତ୍ତବ୍ୟ

(iii) Directive Principles of State Policy
ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ

(iv) Impartial Judiciary
ନିରପେକ୍ଷ ନ୍ୟାୟପାଳିକା

(g) Which one of the following is not a part of the Directive Principles of State Policy ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀର ଏକ ଅଂଶ ନୁହେଁ ?

(i) Uniform Civil Code
ଏକ ବିଧି ଦେୱାନୀ ସଂହିତା

(ii) Free and compulsory Primary Education
ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା

(iii) Equal wage for equal work
ସମାନ କାର୍ଯ୍ୟ ପାଇଁ ସମାନ ପାରିଶ୍ରମିକ

(iv) Abolition of Untouchability
ଅସ୍ପୃଶ୍ୟତା ନିବାରଣ

(h) A citizen of India is arrested and detained without trial for more than 24 hours. For which one of the following writs he shall pray the Supreme Court ?

ଗିରଫ କଲାପରେ ବିନା ବିଚାରରେ ଜଣେ ନାଗରିକଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ଅଟକ ରଖାଗଲା । ନିମ୍ନୋକ୍ତ ମଧ୍ୟରୁ କେଉଁ ପରମାଦେଶ ପାଇଁ ସେ ସର୍ବୋଚ୍ଚ ନ୍ୟାୟାଳୟରେ ପ୍ରାର୍ଥନା କରିବ ?

(i) Habeas Corpus
ହାବିୟସ୍ କର୍ପସ୍

(ii) Mandamus
ମାଣ୍ଡାମୁସ୍

(iii) Quo warranto
କୋ–ୱାରଣ୍ଟୋ

(iv) Certiorari
ସର୍ସିଓରାରୀ

(i) Who among the following is regarded as the 'Father of Scientific Socialism' ?

ନିମ୍ନୋକ୍ତ ମଧ୍ୟରୁ କିଏ 'ବିଜ୍ଞାନ ଭିତ୍ତିକ ସମାଜବାଦର ଜନକ' ?

(i) Karl Marx
କାର୍ଲମାର୍କସ୍

(ii) Lenin
ଲେନିନ୍

(iii) Stalin
ଷ୍ଟାଲିନ୍

(iv) C.E.M. Joad
ସି.ଇ.ଏମ୍. ଜୋଡ୍

(j) Which one of the following is the feature of Indian Foreign Policy of Non-Alignment ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଭାରତର ନିରପେକ୍ଷ ବୈଦେଶିକ ନୀତିର ଏକ ଲକ୍ଷଣ ଅଟେ ?

(i) Acting as a Mediator between two Nations

ଦୁଇ ରାଷ୍ଟ୍ର ମଧ୍ୟରେ ମଧ୍ୟସ୍ଥର ଭୂମିକା

(ii) Non-involvement in Power Bloc Politics

କ୍ଷମତା ଗୋଷ୍ଠୀ ରାଜନୀତି ସହିତ ସାମିଲ ନ ହେବା

(iii) Cooperation with Neighbouring States

ପଡ଼ୋଶୀ ରାଷ୍ଟ୍ରମାନଙ୍କ ସହିତ ସହଯୋଗ ରକ୍ଷା

(iv) Taking side with all Nations

ସମସ୍ତ ରାଷ୍ଟ୍ରଙ୍କ ପକ୍ଷ ଗ୍ରହଣ କରିବା

(k) Which one of the following is not a source of income of a Municipality ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ପୌରପାଳିକାର ଆୟର ଏକ ଉତ୍ସ ନୁହେଁ ?

(i) Holding Tax

ବାସଗୃହ ଟିକସ

(ii) Income Tax

ଆୟକର

(iii) Water Tax

ଜଳ କର

(iv) Government Grants

ସରକାରୀ ଅନୁଦାନ

(l) Which one of the following does not build up a healthy public opinion ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ସୁସ୍ଥ ଜନମତ ଗଠନ କରିବାରେ ସହାୟକ ହୁଏ ନାହିଁ ?

(i) Alert and active citizenship
ସଜାଗ ଓ ସକ୍ରିୟ ନାଗରିକତା

(ii) Free mass media
ସ୍ୱାଧୀନ ଗଣ-ମାଧ୍ୟମ

(iii) Corrupt political leadership
ଦୁର୍ନୀତିଗ୍ରସ୍ତ ରାଜନେତା

(iv) Freedom of speech and expression
ବାକ୍ ଏବଂ ଅଭିବ୍ୟକ୍ତି ସ୍ୱାଧୀନତା

(m) Which one of the following is not a Constitutional strategy for National Integration ?

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଜାତୀୟ ସଂହତି ପାଇଁ ଏକ ସାମ୍ବିଧାନିକ କୌଶଳ ନୁହେଁ ?

(i) Secularism
ଧର୍ମନିରପେକ୍ଷତା

(ii) Regionalism
ଆଞ୍ଚଳିକତାବାଦ

(iii) Social Justice
ସାମାଜିକ ନ୍ୟାୟ

(iv) Economic Development
ଅର୍ଥନୈତିକ ବିକାଶ



https://www.freshersnow.com/board-model-question-papers/

(n) Who among the following is the ex-officio chairman of NITI AYOG ?

ନିମ୍ନୋକ୍ତ ମଧ୍ୟରୁ କିଏ ନିଜ ପଦାଧିକାର ବଳରେ 'ନୀତି ଆୟୋଗ'ର ଅଧ୍ୟକ୍ଷ ଅଟନ୍ତି ?

(i) President

ରାଷ୍ଟ୍ରପତି

(ii) Vice President

ଉପ-ରାଷ୍ଟ୍ରପତି

(iii) Prime Minister

ପ୍ରଧାନମନ୍ତ୍ରୀ

(iv) Speaker of Lok Sabha

ଲୋକସଭାର ବାଚସ୍ପତି

(o) Who of the following authors influenced Mahatma Gandhi ?

ନିମ୍ନୋକ୍ତ କେଉଁ ରଚୟିତା ମହାତ୍ମାଗାନ୍ଧୀଙ୍କୁ ପ୍ରଭାବିତ କରିଥିଲେ ?

(i) John Ruskin

ଜନ୍ ରସ୍କିନ

(ii) Tolstoy

ଟଲ୍‌ଷ୍ଟୟ

(iii) John Locke

ଜନ୍ ଲକ୍

(iv) Abraham Lincoln

ଆବ୍ରାହମ ଲିଙ୍କନ୍



https://www.freshersnow.com/board-model-question-papers/

2. Fill in the blanks with appropriate terms/numbers/ date/year : 1×15=15

ଉପଯୁକ୍ତ ପଦ / ସଂଖ୍ୟା / ତାରିଖ / ମସିହା ଦ୍ୱାରା ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର :

(a) Educational institutions play a big role in formulation of ________.

________ ଗଠନରେ ଶିକ୍ଷାନୁଷ୍ଠାନର ମୁଖ୍ୟ ଭୂମିକା ରହିଛି ।

(b) Both Japan and Switzerland have ________ party system.

ଉଭୟ ଜାପାନ ଓ ସ୍ୱିଜରଲ୍ୟାଣ୍ଡରେ ________ ଦଳୀୟ ବ୍ୟବସ୍ଥା ରହିଛି ।

(c) Political parties in India are given recognition by the ________ Commission.

________ ଆୟୋଗ ରାଜନୈତିକ ଦଳମାନଙ୍କୁ ସ୍ୱୀକୃତି ପ୍ରଦାନ କରିଥାଆନ୍ତି ।

(d) ________ is the executive organ of Gram Sasan.

________ ହେଉଛି ଗ୍ରାମ ଶାସନର କାର୍ଯ୍ୟ ନିର୍ବାହୀ ସଂସ୍ଥା ।

(e) The word PLEBISCITE is derived from the Latin word ________.

'ପ୍ଲେବିସାଇଟ୍' ଶବ୍ଦଟି ଲାଟିନ୍ ଶବ୍ଦ ________ରୁ ଆନୀତ ।

(f) Right to Information is a __________ right.

ସୂଚନା ଅଧିକାର ଏକ __________ ଅଧିକାର ଅଟେ ।

(g) Article __________ of our Constitution provides protection of life and personal liberty of citizens and non-citizens.

ଆମ ସମ୍ବିଧାନର ଧାରା __________ ସମସ୍ତ ନାଗରିକ ଓ ଅଣନାଗରିକଙ୍କୁ ଜୀବନଧାରଣ ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତାର ସୁରକ୍ଷା ଦିଏ ।

(h) Freedom to form and manage association in India is included in Article __________ .

ଭାରତରେ ସଂଘ ଗଠନ ଓ ପରିଚାଳନା __________ ଧାରାର ଅନ୍ତର୍ଭୁକ୍ତ ।

(i) __________ said, "State is a soulless machine".

__________ କହିଥିଲେ, "ରାଷ୍ଟ୍ର ହେଉଛି ଏକ ଆତ୍ମାବିହୀନ ଯନ୍ତ୍ର ।"

(j) __________ said, "Democracy is a government in which every one has a share."

__________ କହିଥିଲେ, "ଯେଉଁ ସରକାରରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଅଂଶ ଅଛି, ତାହା ହିଁ ଗଣତନ୍ତ୍ର ।"

(k) __________ borrowed the idea of 'Dialectics' from Hegel.

__________ 'ଦ୍ୱନ୍ଦ୍ୱାତ୍ମକ' ଚିନ୍ତାଧାରା ହେଗେଲ୍‌ଙ୍କ ଠାରୁ ଆଣିଥିଲେ ।

(l) Panchasheel Agreement was signed between India and __________ .

ପଞ୍ଚଶୀଳ ଚୁକ୍ତିନାମା ଭାରତ ଓ __________ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ।

(m) Subjects on which both Centre and States can make law are included in the __________ List.

__________ ତାଲିକାଭୁକ୍ତ ବିଷୟ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ଆଇନ ପ୍ରଣୟନ କରିଥାନ୍ତି ।

(n) According to Article 1 of our Constitution, 'India' that is 'Bharat' shall be a __________ of States.

ଆମ ସମ୍ବିଧାନର ଧାରା ୧ ଅନୁସାରେ 'ଇଣ୍ଡିଆ' ବା 'ଭାରତ' ରାଜ୍ୟମାନଙ୍କର ଏକ __________ ।

(o) Feminism supports __________ liberation.

ନାରୀବାଦ __________ମାନଙ୍କର ମୁକ୍ତି ଆନ୍ଦୋଳନକୁ ସମର୍ଥନ କରେ ।

## Group – B

## ଖ – ବିଭାଗ

3. Answer any **eleven** of the following questions in *two* sentences each : 2×11=22

ନିମ୍ନୋକ୍ତ ମଧ୍ୟରୁ ଯେକୌଣସି **ଏଗାରଗୋଟି** ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ *ଦୁଇଗୋଟି* ବାକ୍ୟରେ ପ୍ରଦାନ କର :

(a) What is Preventive Detention ?

ପ୍ରତିଷେଧମୂଳକ ଅଟକ କ'ଣ ?

(b) What is Bi-party system ?

ଦ୍ୱି–ଦଳୀୟ ବ୍ୟବସ୍ଥା କ'ଣ ?

(c) How is Gram Panchayat constituted ?

ଗ୍ରାମପଞ୍ଚାୟତ କିପରି ଗଠନ କରାଯାଏ ?

(d) What is Landsgemeinde ?

'ଲାଣ୍ଡସଜେମିଣ୍ଡେ' କ'ଣ ?

(e) What is Right to Education ?

ଶିକ୍ଷାଗତ ଅଧିକାର କ'ଣ ?

(f) What is Universal Adult Suffrage ?

ସାର୍ବଜନୀନ ସାବାଳକ ମତଦାନ କ'ଣ ?

(g) What is Central Information Commission ?

କେନ୍ଦ୍ରୀୟ ସୂଚନା ଆୟୋଗ କ'ଣ ?

(h) What is Satyagraha ?

ସତ୍ୟାଗ୍ରହ କ'ଣ ?

(i) What is 'Mandamus'?

'ମାଣ୍ଡାମସ୍' କ'ଣ ?

(j) What is Right to Information ?

ସୂଚନା ଅଧିକାର କ'ଣ ?

(k) What do you mean by Aggressive Nationalism ?

ଉଗ୍ର ଜାତୀୟତାବାଦ କହିଲେ ତୁମେ କ'ଣ ବୁଝ ?

(l) What is Residuary Power ?

ଅବଶିଷ୍ଟ ବଳକା କ୍ଷମତା କ'ଣ ?

(m) What is National Integration ?

ଜାତୀୟ ସଂହତି କ'ଣ ?

(n) What is Terrorism ?

ଆତଙ୍କବାଦ କ'ଣ ?

4. Explain any **six** of the following within *six* sentences each : 3×6=18

ନିମ୍ନୋକ୍ତ ମଧ୍ୟରୁ ଯେକୌଣସି **ଛଅଗୋଟିର** ଉତ୍ତର ପ୍ରତ୍ୟେକକୁ *ଛଅଗୋଟି* ବାକ୍ୟରେ ବୁଝାଇ ଲେଖ :

(a) Article-352

ଧାରା – ୩୫୨

(b) Functions of Gram Sabha

ଗ୍ରାମସଭାର କାର୍ଯ୍ୟାବଳୀ

(c) Features of Liberal Democracy

ଉଦାରବାଦୀ ଗଣତନ୍ତ୍ରର ଲକ୍ଷଣ

(d) Right to freedom of Religion

ଧର୍ମଗତ ସ୍ୱାଧୀନତା ଅଧିକାର

(e) Sarvoday

ସର୍ବୋଦୟ

(f) Fundamental Duties

ମୌଳିକ କର୍ତ୍ତବ୍ୟ

(g) Panchasheel

ପଞ୍ଚଶୀଳ

(h) Features of Feminism

ନାରୀବାଦର ଲକ୍ଷଣ

## Group – C

## ଗ – ବିଭାଗ

Answer any **four** questions : $7\frac{1}{2} \times 4 = 30$

ଯେକୌଣସି ଚାରିଗୋଟି ପ୍ରଶ୍ନର ଉତ୍ତର ଦିଅ :

5. Describe the composition and functions of Municipal Corporation.

ପୌର ନିଗମର ଗଠନ ଓ କାର୍ଯ୍ୟାବଳୀ ବର୍ଣ୍ଣନା କର ।

6. Discuss the features of Indirect Democracy.

ପରୋକ୍ଷ ଗଣତନ୍ତ୍ରର ଲକ୍ଷଣଗୁଡ଼ିକ ଆଲୋଚନା କର ।

7. Explain the functions of Political Party.

ରାଜନୈତିକ ଦଳର କାର୍ଯ୍ୟାବଳୀ ବୁଝାଇ ଲେଖ ।

8. Discuss the features of Federal State.

ସଂଘୀୟ ରାଷ୍ଟ୍ରର ଲକ୍ଷଣ ଆଲୋଚନା କର ।

9. Examine the basic principles of Gandhism.

ଗାନ୍ଧୀବାଦର ମୌଳିକ ନୀତିଗୁଡ଼ିକ ନିରୀକ୍ଷା କର ।

10. Explain the nature and types of Fundamental Rights provided in our Constitution.

ଆମ ସମ୍ବିଧାନରେ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକର ପ୍ରକୃତି ଓ ଶ୍ରେଣୀ ବିଭାଗ ବୁଝାଇ ଲେଖ ।